**କେନ୍ଦୁଝରରେ ୫-ଟି ସଚିବ**

# ଜଳସେଚନ, ଧର୍ମାନୁଷ୍ଠାନ ଉନ୍ନତୀକରଣକୁ ଗୁରୁତ୍ୱ


୫-ଟି ସଚିବ ଭି.କେ. ପାଣ୍ଡିଆନ ମହିଳାଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।


ଯୋଡ଼ାସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ମଧ୍ୟାହ୍ନ ଭୋଜନ କରୁଛନ୍ତି।

- ଜନସାଧାରଣ, ସଂଗଠନଠାରୁ ଦାବିପତ୍ର ଗ୍ରହଣ
- ପ୍ରମୁଖ ସହର ପାଇଁ ଖୁବ୍‌ଶୀଘ୍ର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍'
- ୧୪୦୦ କୋଟିରେ ବଡ଼ବିଲ ରିଂ ରୋଡ୍ ପ୍ରକଳ୍ପ
- ଡିସେମ୍ବର ସୁଦ୍ଧା ଯୋଡ଼ା ଫ୍ଲାଏ ଓଭର କାର୍ଯ୍ୟ ଶେଷ ହେବ

**ପାଟଣା/ଚମ୍ପୁଆ/ବଡ଼ବିଲ/ଯୋଡ଼ା/କେନ୍ଦୁଝର,୧୦।୬(ସ୍ୱ.ପ୍ର./ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର କେନ୍ଦୁଝର ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି। ପ୍ରଥମ ଦିନ ପାଟଣା ବ୍ଲକ୍ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ର ବୁଲି ଉନ୍ନତୀକରଣର ସମୀକ୍ଷା କରିବା ସହ ସ୍ଥାନୀୟ ଲୋକଙ୍କ ସମସ୍ୟା ଓ ଦାବି ଶୁଣିଥିଲେ। ପରେ ଚମ୍ପୁଆ, ବଡ଼ବିଲ ଓ ଯୋଡ଼ା ବ୍ଲକ୍ ଯାଇ ସେଠାରେ ପାନୀୟଜଳ ପ୍ରକଳ୍ପ, ଯୋଡ଼ା ଫ୍ଲାଏଓଭର, ଏନ୍ଏଚ୍, କାନପୁର ଜଳସେଚନ ପ୍ରକଳ୍ପ ଆଦି କାର୍ଯ୍ୟର ଅଗ୍ରଗତି ବୁଲି ଦେଖିଥିଲେ। ବିଶେଷକରି ବିଭିନ୍ନ ଅଞ୍ଚଳର ଧର୍ମାନୁଷ୍ଠାନର ଉନ୍ନତୀକରଣ ନେଇ ଖୁସି ଖବର ମିଳିବ, ଚାଷୀଙ୍କ ସମସ୍ୟା ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କେନ୍ଦୁଝରରେ ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ଥାନୀୟ ବିଭିନ୍ନ ସଂଗଠନ, ସଂସ୍ଥାଗୁଡ଼ିକ ସହ ଆଲୋଚନା କରିବା ପରେ ପୁରୁଣାବଜାର ଶ୍ରୀ ବଳଦେବଜୀଉ ମନ୍ଦିର ପରିଦର୍ଶନ କରି ମନ୍ଦିର ବିକାଶ କରାଯିବ ବୋଲି କହିଥିଲେ।

ସୂଚନା ଅନୁଯାୟୀ, ୫-ଟି ସଚିବ ଶନିବାର ସକାଳ ୯ଟାରେ ଭୀମକୁଣ୍ଡ ସନ୍ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରି ଭୀମକୁଣ୍ଡ ୱାଚ୍ ଟାୱାର ପରିଦର୍ଶନ କରିଥିଲେ। ପରେ ଭୀମକୁଣ୍ଡ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ସେ ମୟୂରଭଞ୍ଜ ଜିଲାପାଳ ଥିବାବେଳେ ବହୁବାର ପାଟଣା ପାର୍ଶ୍ୱ ଭୀମକୁଣ୍ଡ ପରିଦର୍ଶନ କରିଥିବା କହିଥିଲେ। ଉକ୍ତ ପର୍ଯ୍ୟଟନ ସ୍ଥଳ ତାଙ୍କୁ ଆକୃଷ୍ଟ କରିଛି। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ଅନୁଯାୟୀ ଭୀମକୁଣ୍ଡକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳରେ ରୂପାନ୍ତରିତ କରାଯିବ ବୋଲି କହିଥିଲେ। ଏକ ମାସ ମଧ୍ୟରେ ପର୍ଯ୍ୟଟନ ବିଭାଗର ସହାୟତା ନେଇ ଜିଲାପାଳ ପ୍ଲାନିଂ ରିପୋର୍ଟ ଦେଲେ ତାହାର ଏକ ସପ୍ତାହ ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିବେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ଚାଷୀମାନଙ୍କର ଉନ୍ନତି ପାଇଁ ଜଳସେଚନ ସୁବିଧା, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଉନ୍ନତୀକରଣ, ନୂତନ ସେତୁ ନିର୍ମାଣ, କଲ୍ୟାଣମଣ୍ଡପ ଓ କମ୍ୟୁନିଟି ହଲ୍ ଆଦି ନିର୍ମାଣର ପ୍ରତିଶ୍ରୁତି ଦେବା ସହ ଦାବିପତ୍ର ଗ୍ରହଣ କରିଥିଲେ। ଆଗାମୀ ୬ ମାସ ମଧ୍ୟରେ ସମସ୍ତ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

ସେଠାରୁ ଚମ୍ପୁଆ ଗସ୍ତ କରି ଗୋଧୂଳିଠାରେ ନବନିର୍ମିତ ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଥିଲେ। ଏନ୍ଏସିରେ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବ। ପ୍ରମୁଖ ସହର ପାଇଁ ୧୭୫ କୋଟି 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ପରେ ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଆୟୋଜିତ ସଭାରେ ଯୋଗଦେଇ ସାଧାରଣ ଜନତାଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରସ୍ତାବିତ ଦାବିପତ୍ର ଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସ୍ୱାବଲମ୍ବୀ କରିବା, ଚାଷ ଓ ଚାଷୀ ପାଇଁ ଯୋଜନାକୁ ତ୍ୱରାନିତ୍ୱ, ମନ୍ଦିର ଓ ମସ୍‌ଜିଦ୍‌ଗୁଡ଼ିକର ଉନ୍ନତୀକରଣ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ଖୁବ୍‌ଶୀଘ୍ର କରାଯିବା ବୋଲି ପ୍ରକାଶ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ଓ ମଧୁବାବୁ ପେନ୍‌ସନ୍ ଯୋଜନାରେ ହିତାଧିକାରୀମାନେ ବ୍ୟାଙ୍କ ନ ଯାଇ ପଞ୍ଚାୟତରେ ଟଙ୍କା ପାଇପାରିବେ ବୋଲି ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କାର୍ଡର ଉପଯୋଗିତା ଏବଂ ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ବାବଦରେ ମହିଳାମାନଙ୍କୁ ପଚାରି ବୁଝିଥିଲେ।

ଚମ୍ପୁଆ କାର୍ଯ୍ୟକ୍ରମ ସାରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏନ୍ଆରସି ଓ ଡାଏଲିସିସ୍ ସେଣ୍ଟର ପରିଦର୍ଶନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଓଏମ୍‌ବିଏଡିସି (ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ଫଣ୍ଡରେ ନିର୍ମାଣାଧୀନ ନୂତନ ବିଲ୍ଡିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ୧୪୦୦ କୋଟି ଟଙ୍କାର ବଡ଼ବିଲ ରିଂ ରୋଡ୍ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ। ପରେ ସଡ଼କ ପଥରେ ସେରେଣ୍ଡାସ୍ଥିତ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଆଦିବାସୀ ବିକାଶ ସମିତି ଆଶ୍ରମ ପରିଦର୍ଶନ କରି ପଦ୍ମଶ୍ରୀଙ୍କୁ ଭେଟିବା ସହ କୁନି କୁନି ଅନ୍ତେବାସୀଙ୍କ ସହ କଥା ହୋଇଥିଲେ।

ସେଠାରୁ ସଡ଼କ ପଥରେ ଯାଇ ଯୋଡ଼ାର ଧରଣୀଧର ଛକ ନିକଟରେ ପହଞ୍ଚି ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ନିର୍ମାଣାଧୀନ ଫ୍ଲାଏଓଭର ନିକଟରେ ପହଞ୍ଚି ଓବିସିସିର ଭାରପ୍ରାପ୍ତ ଯନ୍ତ୍ରୀ ନରସିଂହ ମହାନ୍ତ, କନିଷ୍ଠ ଯନ୍ତ୍ରୀ ଧନେଶ୍ୱର ମାଝୀ, ଇଞ୍ଜିନିୟର ପ୍ରଶାନ୍ତ ମିଶ୍ର, ଏସ୍‌ଡିଓ ଚିନ୍ମୟ ଜେନାଙ୍କ ସମେତ ଠିକାସଂସ୍ଥା ଟେଭରୋକ୍ସ କମ୍ପାନୀର ଭାରପ୍ରାପ୍ତ ପରିଚାଳକ ବିପୁଲ ବରାଟ ପ୍ରମୁଖଙ୍କ ସହିତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମ୍ୟାପ୍‌ରେ ଫ୍ଲାଏଓଭରର ସ୍ଥିତି ସହିତ ସର୍ଭିସ୍ ରୋଡ୍‌ର କାର୍ଯ୍ୟ ତଦାରଖ କରି ବିଳମ୍ବର କାରଣ ପଚାରି ବୁଝିଥିଲେ। ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦେଇଥିଲେ। ଜୁଲାଇ ସୁଦ୍ଧା ଫ୍ଲାଏଓଭରର ଗୋଟିଏ ପାର୍ଶ୍ୱ ସର୍ଭିସ୍ ରୋଡ୍ ସମ୍ପୂର୍ଣ୍ଣ କରାଯିବ ବୋଲି ଯନ୍ତ୍ରୀ କହିଥିଲେ। ସେଠାରୁ ବୃଦ୍ଧାଶ୍ରମ ଯାଇ ଅନ୍ତେବାସୀଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ତାଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ପରେ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ପ୍ରକଳ୍ପ ପରିଦର୍ଶନ କରି ବନ୍ଧ, ସ୍ପିଲ୍‌ୱେ କାର୍ଯ୍ୟର ସମୀକ୍ଷା କରିଥିଲେ। ସଚିବଙ୍କ ଗସ୍ତ ସମୟରେ ଯୋଡ଼ା ବିକାଶ ପରିଷଦର ସଦସ୍ୟ ଯୋଡ଼ାରେ ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲ, ବ୍ଲକରେ ଅବସ୍ଥିତ ମୁର୍ଗା ମହାଦେବ ମନ୍ଦିର, ପ୍ରାକୃତିକ ଜଳପ୍ରପାତର ବିକାଶ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ଯୋଡ଼ା ଟ୍ରକ୍ ଓନର ଆସୋସିଏଶନ ପକ୍ଷରୁ ପାଇପ୍ ଲାଇନ୍ ଓ ରେଳ ମାଧ୍ୟମରେ ଖଣିଜ ପରିବହନର ଅନୁପାତ ବୃଦ୍ଧି ହେତୁ ଟ୍ରକ୍ ମାଲିକ କାର୍ଯ୍ୟ ହରାଉଛନ୍ତି ବୋଲି ଭେଟି ଦାବିପତ୍ର ଦେଇଥିଲେ। ଯୋଡ଼ାର ଖବରଦାତାମାନଙ୍କୁ ନେଇ ଗଠିତ 'ଦି ଫୋର୍ଥ ପିଲର' ପକ୍ଷରୁ ଯୋଡ଼ାରେ ଏକ କୋ-ଏଜୁକେଶନ କଲେଜ, ଏକ ବୈଷୟିକ ତାଲିମ କେନ୍ଦ୍ର ସ୍ଥାପନ ଉପରେ ଲିଖିତ ପ୍ରସ୍ତାବ ସଚିବଙ୍କୁ ଦିଆଯାଇଥିଲା।

ପରେ କେନ୍ଦୁଝର ଆସି ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ମହିଳା ଗୋଷ୍ଠୀ ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସ୍ଥାନୀୟ ଲୋକଙ୍କ ଲିଖିତ ଦାବିପତ୍ର ଗ୍ରହଣ କରିଥିଲେ। ଦରଖାସ୍ତ ମଧ୍ୟରୁ ଚାଷୀଭାଇମାନଙ୍କ ସମସ୍ୟା ତଥା ଜଳସେଚନକୁ ନେଇ ଦାବି ଶତପ୍ରତିଶତ ପୂରଣ ହୋଇଯିବ। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚର ଉନ୍ନତୀକରଣ କରାଯିବ। ସେଥିପାଇଁ ଆପଣ ଗୋଟିଏ ସପ୍ତାହ ଭିତରେ ଅର୍ଥାତ୍ ୧୮ ତାରିଖ ଆଗରୁ ଖୁସି ଖବର ପାଇଯିବେ ବୋଲି କହିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିଲେଟ୍ କାଫେ ବୁଲି ଏହାକୁ ଚଲାଉଥିବା ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ପରେ ଅଡିଟୋରିୟମରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ବିଭିନ୍ନ ମହାବିଦ୍ୟାଳୟର ସମସ୍ୟା ଓ ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ। ହ୍ୟାଣ୍ଡବଲ ଷ୍ଟାଡିୟମର କାମ ଦେଖିବା ପରେ ପୁରୁଣାବଜାର ଶ୍ରୀ ବଳଦେବଜୀଉ ମନ୍ଦିର, ବଡ଼ଦାଣ୍ଡ ଓ ପୋଖରୀ ସୌନ୍ଦର୍ଯ୍ୟକରଣ କାମ ବୁଲି ଦେଖିଥିଲେ। ସଚିବଙ୍କ ଗସ୍ତ ସମୟରେ ଜିଲାପାଳ ଆଶିଷ ଠାକ୍‌ରେ, ଏସ୍‌ପି କୁଶଲକର ନୀତିନ ଦାଗୁଡ୍ଡୁ, ଡିଏଫ୍‌ଓ ଏଚ୍.ଡି. ଧନରାଜ, ଜିଲାର ବହୁ ସରକାରୀ ପଦାଧିକାରୀଙ୍କ ସମେତ ସ୍ଥାନୀୟ ଅଧିକାରୀ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ବିବେକାନନ୍ଦ


@ନିବେଦିତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୪ ହଜାର ଦାନ

**ବନ୍ତ,୧୦।୬ (ଡି.ଏନ୍.ଏ.)**

ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ପରିବାର ଓ ଆହତମାନଙ୍କୁ ସହାୟତା ଉଦ୍ଦେଶ୍ୟରେ ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଉପାଧ୍ୟକ୍ଷା, ବିଡିଓଙ୍କ ସମେତ ସମସ୍ତ କର୍ମଚାରୀ ୭୪ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ବିଡିଓ ପ୍ରଦୀପ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, କନିଷ୍ଠ ଯନ୍ତ୍ରୀ ସୁପ୍ରଭା ପ୍ରଧାନ, ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ନିଶାକର ଖୁଣ୍ଟିଆ ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ୭୪ ହଜାର ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ମୌଳିକ ସାକ୍ଷରତା, ଜନଭାଗୀଦାରି କାର୍ଯ୍ୟକ୍ରମ

**ବାହାନଗା, ୧୦।୬(ଡି.ଏନ.ଏ.)**

ବାହାନଗା ବ୍ଲକ ବିଷ୍ଣୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର କ୍ଲଷ୍ଟର ସ୍ତରୀୟ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାବିଜ୍ଞାନ ସମ୍ବନ୍ଧୀୟ ଜନଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟା ବିଜ୍ଞାନ ଉପରେ ଅଭିଭାବକମାନଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ଉପଲକ୍ଷେ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟାସଦସ୍ୟ ଓ ସରପଞ୍ଚ, ସମିତିସଭ୍ୟମାନଙ୍କୁ ନେଇ ପ୍ରଭାତଫେରି କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା କରାଯାଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ସିଆରସିସି ଦିଲୀପ କୁମାର ସେଠୀ। ମୁଖ୍ୟଅତିଥି ଭାବେ ବିଷ୍ଣୁପୁର ସରପଞ୍ଚ ଛାୟାଲତା ପଣ୍ଡା, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କମଳାମଣି ମାଝି ଯୋଗ ଦେଇଥିଲେ । ଏଥିରେ ୪୨ଜଣ ଅଭିଭାବକ ଯୋଗ ଦେଇଥିବା ବେଳେ ୩୬ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହାସହିତ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମର ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହି ମୌଳିକ ସ୍ୱାକ୍ଷରତା ବିଷୟରେ ଆଲୋଚନା କରିଥିଲେ।


ପ୍ରଭାତଫେରିରେ ଯୋଗଦେଇଥିବା ଲୋକପ୍ରତିନିଧି, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ।

## ଦୁର୍ଘଟଣାରେ ଗୋଡ଼ ହରାଇଲେ ସ୍କୁଟି ଆରୋହୀ

**ବସ୍ତା, ୧୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସାମୁଦ୍ରିକ ଥାନା ବାହାବଳପୁର ରାସ୍ତାରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀ ଗୁରୁତର ହୋଇଛନ୍ତି। ଏପରିକି ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଛି।

ସ୍ଥାନୀୟ ଏଣ୍ଡ୍ରାଇ ଗାଁର ଗୌରାଙ୍ଗ ସ୍ୱାଇଁ ଏକ ସ୍କୁଟି ଯୋଗେ ବାହାବଳପୁରରୁ ଫେରିବା ବେଳେ ସାମ୍ନାରୁ ଏକ ଟ୍ରକ ଦ୍ରୁତଗତିରେ ଆସୁଥିବା ଦେଖି ସେ ହଡ଼ବଡ଼େଇ ଯାଇ ରାସ୍ତାକଡ଼କୁ ଖସି ଯାଇଥିଲେ। ଏହି ସମୟରେ ସେ ଓ ତାଙ୍କ ପଛରେ ବସିଥିବା ନୀଳଦା ଗାଁର ତାପସ ମିଶ୍ର ପଡ଼ିଯାଇ ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ସେ ଦୁହିଁଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ନିଆଯାଇଥିଲା। ଗୌରାଙ୍ଗ ବିପଦମୁକ୍ତ ଥିବା ବେଳେ ତାପସଙ୍କ ଗୋଡ଼ ସମ୍ପୂର୍ଣ୍ଣ କଟାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଡ୍ରାଇଭର ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ETELCONBBST-345ETER

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ଏବଂ ସାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ଷ୍ଟେସନ ବିଲ୍ଡିଂ, ବୁକିଂ କାଉଣ୍ଟର, ସଙ୍କେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଂ ଗୁମଟି, ଲେଭେଲ କ୍ରସିଂ ଫାଟକ, ସିନିୟର ସେକ୍ସନ ଇଂଜିନିୟର କାର୍ଯ୍ୟାଳୟ (02 ଗୋଟି), ସବ୍‌ଅର୍ଡିନେଟ୍ ରେଷ୍ଟ ହାଉସ୍ (SRH)(01 ଗୋଟି), ମେରାମଣ୍ଡଳୀ ସ୍ଥିତ ରନିଙ୍ଗ୍ ରୁମ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-II-54 ଗୋଟି, ଟାଇପ୍-III-17 ଗୋଟି ଏବଂ ଟାଇପ୍-IV-6 ଗୋଟି), 11/0.416 KV 2X100KVA ସବ୍‌ଷ୍ଟେସନ, ପାୱାର ଲାଇନ୍ କ୍ରସିଂ (Xing) ରୂପାନ୍ତରଣଜନିତ ଜେନେରାଲ ବିଦ୍ୟୁତୀକରଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 5,11,18,260.82, EMD (ଟଙ୍କାରେ) : 4,05,600/-, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.06.2023 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.06.2023 ରିଖ 1200 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଇ-ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ଭୁବନେଶ୍ୱର

PR-33/CG/23-24


## ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରନ୍ତୁ ୫-ଟି ସଚିବ



ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସର କର୍ମକର୍ତ୍ତା।

**ଛାତ୍ର କଂଗ୍ରେସର ଦାବି**

**ଭଦ୍ରକ ଅଫିସ, ୧୦।୬**

ଦୁଇଦିନିଆ ଗସ୍ତରେ ଆସୁଥିବା ୫-ଟି ସଚିବ ଭି. କେ. ପାଣ୍ଡିଆନ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଘୋଷଣା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି ଯେ, ଭଦ୍ରକ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ରହିଛି। ବାହାନଗା ରେଳ ଦୁର୍ଘଟଣାରେ ବହୁ ସଂଖ୍ୟାରେ ଆହତ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଘଟଣାରୁ ଏଠାରେ ମେଡିକାଲ କଲେଜର ଆବଶ୍ୟକତା ଥିବା ରାଜ୍ୟ ସରକାର ଅନୁଭବ କରିବା ଉଚିତ। ଭଦ୍ରକର ଶାସକ ଦଳ ବିଧାୟକମାନେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ସରକାରଙ୍କ ପାଖରେ ଠିକ୍ ଢଙ୍ଗରେ ଉପସ୍ଥାପନ କରିପାରୁ ନାହାନ୍ତି। ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ୫-ଟି ସଚିବଙ୍କୁ ଭେଟି ଭଦ୍ରକର ବିକାଶ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ଜିଲା ପ୍ରଶାସନକୁ ଅବଗତ କରିଛି। ୫-ଟି ସଚିବଙ୍କୁ ଭେଟିବାକୁ ସୁଯୋଗ ଦିଆ ନ ଗଲେ ଗଣତାନ୍ତ୍ରିକ ଉପାୟରେ ବିରୋଧ କରାଯିବ ବୋଲି ଛାତ୍ର କଂଗ୍ରେସର ଜିଲା ସଭାପତି ଶେଖ୍ ସାହିଲ କାଦ୍ରୀ କହିଛନ୍ତି। ଛାତ୍ର କଂଗ୍ରେସର ମୁଖ୍ୟ ପ୍ରବକ୍ତା ବିଶ୍ୱଭୂଷଣ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ସୁନୀଲ ମାଟିଆ, ସାଧାରଣ ସମ୍ପାଦକ ସାଇଦ୍ ସିଦ୍ଦିକ୍, ପୂର୍ବତନ ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ର ପ୍ରମୁଖ ମତ ରଖିଥିଲେ।

## ସାଇକେଲରେ ସଚେତନତା ବାର୍ତ୍ତା ବାଣ୍ଟିଲେ ଏମ୍‌ପି

**ନୀଳଗିରି, ୧୦।୬(ସ୍ୱ.ପ୍ର.)**

ନୀଳଗିରି ନିର୍ବାଚନମଣ୍ଡଳୀର ବଣସୀମା ଜୋନ୍‌ରେ ଯାମୁନା ଛକଠାରୁ ବରହମପୁର ବଜାର ପର୍ଯ୍ୟନ୍ତ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀ ସାମିଲ ହୋଇ ପରିବେଶ ପ୍ରଦୂଷଣରୁ ମୁକ୍ତି ପାଇଁ ଓ ନିୟମିତ ସାଇକେଲ ଚଲାଇ ଶରୀରକୁ ସୁସ୍ଥ ରଖିବା ପାଇଁ ବାର୍ତ୍ତା ଦେଇଥିଲେ।

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜେ ସାଇକେଲ ଚଲାଇଥିବା ବେଳେ ନିୟମିତ ସାଇକେଲ ଚଲାନ୍ତୁ, ସୁସ୍ଥ ରୁହନ୍ତୁ, ପରିବେଶ ପ୍ରଦୂଷଣ କମାନ୍ତୁ ବୋଲି ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଥିଲେ। ରାସ୍ତାର ଅନେକ ଜାଗାରେ ମହିଳାମାନେ ମଧ୍ୟ ଏହି ଶୋଭାଯାତ୍ରାକୁ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରବିନ୍ଦୁ ଦାସ, ଅକ୍ଷୟ ବେହେରା, ଉପେନ୍ଦ୍ର ଦାସ, ମାନସ ସୋରେନ, ଦେବାଶିଷ ଆଚାର୍ଯ୍ୟ, ଅଶୋକାଶିନୀ ନାୟକ, ସରକାର ମିଶ୍ର, ପ୍ରଭାକର ବୁଗୁଡ଼ାଇ, ମାର୍ତ୍ତଣ୍ଡ ସୂର୍ଯ୍ୟକାନ୍ତ ବିଶ୍ୱାଳ, ମାନ ମୁର୍ମୁ, ରାମଚନ୍ଦ୍ର ମହାପାତ୍ର, ରବି ସାହୁ, ଗୋବିନ୍ଦ ଦାସ, ରାମଚନ୍ଦ୍ର ପାତ୍ର, ଉର୍ମିଳା ଜେନା, ସୋରେନ, ଫୁଲମଣୀ ହାଁସଦା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ସାଇକେଲ ଚଲାଇ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ ସଚେତନତା କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.15/ET/SBP/ENGG/2023-24, ତା.01.06.2023ରିଖ

(1)ଇ-ଟେଣ୍ଡର ସଂ.02-eT-DENW-SBP-23

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଲାଖୋଲି-ଲଖନା ସେକ୍ସନ ମଧ୍ୟରେ RV-91 ଠାରେ ପ୍ରବେଶ ପଥ ଏବଂ RV-62 ଠାରେ RCC ୱାଲ୍ ର ବ୍ୟବସ୍ଥା ସହିତ ଲେଭେଲ କ୍ରସିଙ୍ଗ୍ ନଂ.RV-20, RV-33, RV-41, RV-43, RV-48, RV-61 ଏବଂ RV-85 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB) / ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 30,04,80,653.93, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,52,500/- ।

(2)ଇ-ଟେଣ୍ଡର ସଂ.03-eT-DENW-SBP-23

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବିଭିନ୍ନ ସେକ୍ସନଗୁଡ଼ିକ ସ୍ଥିତ ଲେଭେଲ କ୍ରସିଙ୍ଗ୍ ନଂ.RV-121, RV-127, RV-155, RV-157, RV-181, JT-73, JT-97, JT-115, JT-118, JT-125, ST-10 ଏବଂ ST-16 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB)/ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 30,01,33,181/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,50,700/- ।

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.06.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର

PR-251/O/23-24

## ପରଲୋକରେ..

### ୧୧୩ ବର୍ଷରେ ସ୍ୱାଧୀନତା ସଂଗ୍ରାମୀ

ଜଳେଶ୍ୱର, ୧୦।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଲୁଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଶିକ୍ଷକ କୃତିବାସ ମିଶ୍ରଙ୍କ ୧୧୩ ବର୍ଷରେ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି ।



ତାଙ୍କ ମୃତ୍ୟୁରେ ସମଗ୍ର ଜଳେଶ୍ୱର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁବେଳକୁ ୩ ପୁଅ ଓ ୫ ଝିଅ, ନାତିନାତୁଣୀ, ପରିବାରବର୍ଗ ଉପସ୍ଥିତ ଥିଲେ। ମୃତ୍ୟୁ ପୂର୍ବରୁ ସେ ଜଣେ ଗୋ ଚିକିତ୍ସକ, ଜ୍ୟୋତିଷ, କବିରାଜ, ସ୍ୱେଚ୍ଛାକୃତ ଶିକ୍ଷକ ତଥା ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଥିଲେ । ସେ ପ୍ରଚଣ୍ଡ ସ୍ୱାଭିମାନୀ ଥିବାରୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଗ୍ରହଣ କରି ନ ଥିଲେ । ତାଙ୍କ ମୃତ୍ୟୁରେ ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟ, ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ବେହେରା, ରବୀନ୍ଦ୍ର ଦାସ, ଜୟକୃଷ୍ଣ ଅଣ୍ଡିଆ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ବିଷ୍ଣୁପ୍ରିୟା ମହାଳିକ ପ୍ରମୁଖ ବହୁ ବ୍ୟକ୍ତି, ଗାଁର ବ୍ରାହ୍ମଣ ସମାଜ ଶେଷଦର୍ଶନ କରିଥିଲେ।

### ଯାତ୍ରା କଳାକାର

ବସ୍ତା, ୧୦।୬(ଡି.ଏନ.ଏ.)- ବସ୍ତା ବ୍ଲକ ଇଡ଼ିଦା ପଞ୍ଚାୟତ କୁଦପଡ଼ା ଗ୍ରାମର ଯାତ୍ରା କଳକାର ଅଜୟ ସାମନ୍ତ (୬୫)ଙ୍କ ଶନିବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ। ସେ ପୌରାଣିକ, କାଳ୍ପନିକ, ଐତିହାସିକ ଏବଂ ସାମାଜିକ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ସହିତ କଣ୍ଠ ଶିଳ୍ପୀ ଓ ବହୁ ନାଟକରେ ନିର୍ଦ୍ଦେଶନା ଦେଇ ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମରଶରୀର ନିକଟରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ତାଙ୍କ ମୃତ୍ୟୁରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ପୂର୍ବତନ ସରପଞ୍ଚ

ଭୋଗରାଇ, ୧୦।୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ଦାସଙ୍କ ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ପରୋପକାରୀ ଓ ଧର୍ମପରାୟଣ ମଣିଷ ଭାବେ ସମଗ୍ର ଅଞ୍ଚଳରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଚାକିରୀ ଜୀବନରୁ ଅବସର ନେବା ପରେ ୨୦୧୭ ମସିହା ପଞ୍ଚାୟତ ନିର୍ବାଚନରେ ଭୋଗରାଇର ସର୍ବଜ୍ୟେଷ୍ଠ ସରପଞ୍ଚ ଭାବେ ସେ ମନ୍ଦାରସାହି ପଞ୍ଚାୟତରୁ ନିର୍ବାଚିତ ହୋଇ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହ କରିଥିଲେ। ଶନିବାର ସକାଳେ ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମୃତ୍ୟୁରେ ବିଧାୟକ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ର, ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଜିଲା ଦାବିରେ ମେଳି ବାନ୍ଧିଲେ ନୀଳଗିରିବାସୀ

ନୀଳଗିରି, ୧୦।୬(ସ୍ୱ.ପ୍ର.)

ନୀଳଗିରି ଏନ୍ଏସିର ଜେଲରୋଡ୍ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ନୀଳଗିରିକୁ ଜିଲା କରିବା ଦାବି ନେଇ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହକତ୍ୱ ଓ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜାତି, ଧର୍ମ, ବର୍ଣ୍ଣ ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ୩ଶହରୁ ଅଧିକ ନୀଳଗିରିବାସୀ ଉପସ୍ଥିତ ହୋଇ ନୀଳଗିରିକୁ ଜିଲା ଘୋଷଣା ଦାବି ରଖିଥିଲେ।

ନୀଳଗିରି ବ୍ଲକ, ଏନଏସି, ଔପଦା ବ୍ଲକ ନୀଳଗିରି ଉପଖଣ୍ଡରେ ରହିଥିବା ବେଳେ ଭୌଗୋଳିକ ସ୍ଥିତି ଓ ଲୋକସଂଖ୍ୟା ଦୃଷ୍ଟିରୁ ଜିଲା ପାଇଁ ଉପଯୁକ୍ତ ବୋଲି ଏମ୍ପି ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ କହିଥିଲେ। ଏପରିକି ନୀଳଗିରିବାସୀର ପ୍ରତି ପରିବାରର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନୀଳଗିରିକୁ ଜିଲା ଘୋଷଣା କରାଯାଉ ବୋଲି ଅନୁରୋଧ କରିବାର ନିଷ୍ପତ୍ତି ନିଆଯିବା ସହ ଏକ ୪୧ ଜଣିଆ କୋର କମିଟି ଗଠନ କରାଯାଇଛି। ବୈଠକରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା, ସିପିଆଇ ଜିଲା ସମ୍ପାଦକ ନିରଞ୍ଜନ ବାରିକ, ଔପଦା ବ୍ଲକ କଂଗ୍ରେସ ସଭାପତି ଗଦାଧର ପରିଡା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, ସୁରେଶ ବେହେରା, ଗୌରାଙ୍ଗ ପଟ୍ଟନାୟକ, ବାଞ୍ଛାନିଧି ପାତ୍ର, ରାଧାମାଧବ କାନୁନଗୋ, ସୂର୍ଯ୍ୟ ଷଡ଼ଙ୍ଗୀ, ନିରଞ୍ଜନ ଲେଙ୍କା, ପିତାମ୍ବର ସିଂ, ହୃଦୟ ବେହେରା, ରବୀନ୍ଦ୍ର ସାହୁ, ସୁନୀଲ ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ଧନୁର୍ଦ୍ଧର ପଣ୍ଡା, ଚକ୍ରଧର ଦାଶବାବୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷ୍ତମ ସେଠୀ ଧନ୍ୟବାଦ ଦେଇଥିଲେ।

# ମିଲେଟ୍ ମିଶନର 'ଫାର୍ମ ଟୁ ପ୍ଲେଟ୍' କାର୍ଯ୍ୟକ୍ରମ



ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବାରିପଦା ଅଫିସ,୧୦।୬

ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଶନିବାର ବାରିପଦାରେ ମିଲେଟ ସମ୍ପର୍କିତ ସଚେତନା ସୃଷ୍ଟି ନିମନ୍ତେ 'ଫାର୍ମ ଟୁ ପ୍ଲେଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲା କୃଷି ବିଭାଗ ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଆରମ୍ଭରେ ଉପସ୍ଥାପକ ଦର୍ଶକଙ୍କୁ ଓଡ଼ିଶା ମିଲେଟ ମିଶନର ପରିଚିତ କରିଥିଲେ। ଏହାପରେ କାର୍ଯ୍ୟକ୍ରମ ବିଷୟରେ ଧାରଣା ଦେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହାସ୍ୟ ନାଟିକା ମାଧ୍ୟମରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣର ଅଭ୍ୟାସ ବିଷୟରେ ଅବଗତ କରାଯିବା ସହ ଉପସ୍ଥିତ ଦର୍ଶକମାନଙ୍କ ଉପରେ ପ୍ରଭାବ ବିସ୍ତାର ପାଇଁ ମିଲେଟର ପୌଷ୍ଟିକ ଗୁଣ ସମ୍ପନ୍ନ ଏକ ଶିକ୍ଷଣୀୟ ଫିଲ୍ମ ପ୍ରଦର୍ଶିତ କରାଯାଇଛି। ଓଡ଼ିଶା ମିଲେଟ ମିଶନ ଏକ କୌତୁହଳପୂର୍ଣ୍ଣ ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଉପହାର ପ୍ରଦାନ କରାଯାଇଥିଲା। ମିଲେଟର ଉପକାରିତା ବିଷୟରେ ସଚେତନ କରିବା ସହ ସ୍ଥାନୀୟ ମିଲେଟ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ସହଯୋଗ ପାଇଁ ସଚେତନ କରାଯାଇଛି। ଆଞ୍ଚଳିକ ସ୍ତରରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକମାନଙ୍କ ମଧ୍ୟରେ ମିଲେଟର ଗ୍ରହଣୀୟତା ବୃଦ୍ଧି ପାଇବ ବୋଲି ଆଶାବ୍ୟକ୍ତ କରାଯାଇଛି।

# ସ୍ୱପ୍ନ ପାଇଁ ସାଧନାର ଆବଶ୍ୟକତା ରହିଛି


ଅତିଥିମାନଙ୍କ ଗହଣରେ ସମ୍ମାନିତ ଟେନିକଏଟ୍ ଖେଳାଳି।

## ଗ୍ରୀଷ୍ମକାଳୀନ ଟେନିକଏଟ୍ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ସିମୁଳିଆ, ୧୦।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣାର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଗତ ୫ରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଟେନିକଏଟ୍ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍ଯାପିତ ହୋଇଯାଇଛି। ମାର୍କୋଣା ଆଥ୍ଲେଟିକ୍ ଆସୋସିଏଶନ(ମା) ଓ ଜିଲା ଟେନିକଏଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୩୦ଜଣ କ୍ରୀଡା ପ୍ରତିଯୋଗୀ ଯୋଗ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ରୂପେ ଦୟାନିଧି ସାହୁ, ଦିବ୍ୟ ପ୍ରକାଶ ବେହେରା, ବବିତା ନାୟକ ଓ ରୁବୀ ବେହେରା ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶନିବାର ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଖେଳାଳିମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଜାଭଲିନ ଥ୍ରୋ ଆଥ୍ଲେଟ୍ ସତ୍ୟରଞ୍ଜନ ନାୟକଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ମଞ୍ଚ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ସିମୁଳିଆ କଲେଜର ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ବାଇଧର ମହାକୁଡ ସ୍ୱପ୍ନ ପାଇଁ ସାଧନାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ରୂପେ ମାର୍କୋଣା ମା'ର ସମ୍ପାଦକ ରମାକାନ୍ତ ପଣ୍ଡା ଖେଳାଳିମାନଙ୍କୁ ବକ୍ତାମାନଙ୍କ ପରାମର୍ଶ ଗ୍ରହଣ କରିବା ସହିତ ଲକ୍ଷ୍ୟ ବିନା ସିଦ୍ଧି ଅସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମା'ର ସଭାପତି ଗଦାଧର ଜେନା, ଖବରଦାତା ଦେବେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ଶିକ୍ଷକ ବିଭୁଦତ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫–ଟି ସଚିବଙ୍କୁ ଗୁହାରି ପରେ ଛାତ୍ରୀଛାତ୍ରଙ୍କୁ ମିଳିଲା ସାଇକେଲ

ବାହାନଗା, ୧୦।୬(ଡି.ଏନ.ଏ.)

୫–ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ଭିଡିଓ କନଫେରନ୍ସି ମାଧ୍ୟମରେ ବାହାନଗା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ୩ଜଣ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରୁ ତାଙ୍କର ୩ଟି ସାଇକେଲ ଚୋରି ହୋଇଥିବା ଜଣାଇଥିଲେ। ଏହା ଶୁଣିବା ପରେ ୫–ଟି ସଚିବ ଜିଲାପାଳଙ୍କୁ ତୁରନ୍ତ ସାଇକେଲ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳ ନିର୍ଦ୍ଦେଶ ପାଇବା ପରେ ସଙ୍ଗେ ସଙ୍ଗେ ୩ଜଣ ପିଲାଙ୍କୁ ସାଇକେଲ ଆଣି ଦେବାର ବ୍ୟବସ୍ଥା କରିଥିଲେ। ବାହାନଗା ରେଳ ଦୁର୍ଘଟଣା ପରେ ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ଚର୍ଚ୍ଚାକୁ ଆସିଛି। ଏହି ବିଦ୍ୟାଳୟରେ ମୃତଦେହ ସବୁ ରଖାଯାଇଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯିବା ପାଇଁ ଅମଙ୍ଗ ହୋଇଥିଲେ।

## କାଳବୈଶାଖୀ ପ୍ରଭାବ

### ଛପର ଉଡ଼ିଲା, ବିଦ୍ୟୁତ ଖୁଣ୍ଟ ଉପୁଡିଲା



ଖଇରା, ୧୦।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଗୁରୁବାର କାଳବୈଶାଖୀ ତାଣ୍ଡବର ୩୬ ଘଣ୍ଟା ନ ପୂରୁଣୁ ଶନିବାର ପ୍ରବଳ ଝଡତୋଫାନରେ ବ୍ୟାପକ କ୍ଷତି ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବାରୁ ସମଗ୍ର ଖଇରା ଉପଖଣ୍ଡ ଅନ୍ଧାରରେ ଥିବା ବେଳେ ରାସ୍ତାରେ ଗଛ ପଡି ବହୁ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସାରଡାଙ୍ଗ ପଞ୍ଚାୟତ ଅଲିପୁର ଛକରେ ବହୁ ବ୍ୟବସାୟୀଙ୍କ ଆଜବେଷ୍ଟସ ଛପର ଉଡ଼ିଯାଇଛି। ପତିରାଜପୁର ମେଳନ ପଡିଆରେ ବହୁ ଗଛ ଉପୁଡି ମଣ୍ଡପ କ୍ଷତିଗ୍ରସ୍ତ ହୋଇଛି। ବଡନୂଆଗାଁ ପଞ୍ଚାୟତ ସଇଁ ଗ୍ରାମରେ ବହୁ ବାସଗୃହ ଓ ପରିବା ଚାଷ ନଷ୍ଟ ହୋଇଛି । ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟର ସୁରକ୍ଷା ପାଚେରି ଭାଙ୍ଗିପଡିଛି। ଜଳଙ୍ଗ ଗଣ୍ଡିବେଡ ଗ୍ରାମରେ ଗଛ ଭାଙ୍ଗି ପଡିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ରାସ୍ତା, ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ଏମ୍ପି

ଔପଦା, ୧୦।୬

ଔପଦା କଲେଜ ଛକରୁ ବଜାର ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ ଓ ଡ୍ରେନ ନିର୍ମାଣରେ ତାଳ ମେଳ ନ ରହି ବ୍ୟତିକ୍ରମ ଦେଖାଯାଉଥିବାରୁ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅନୁଧ୍ୟାନ କରିଥିଲେ। ଏହି ରାସ୍ତାର କିଛି ଅଂଶ ଔପଦା ତହସିଲ ଅଧୀନରେ ଥିବା ବେଳେ କେତେକ ଅଂଶ ଖଇରା ତହସିଲ ଅଧୀନରେ ରହିଥିବାରୁ ଏମ୍ପି ଷଡ଼ଙ୍ଗୀ ଔପଦା ଓ ଖଇରା ତହସିଲ ଦ୍ୱାରା ମିଳିତ ଭାବେ ମାପ କରି ସରକାରୀ ଜମିକୁ ଉଦ୍ଧାର କରିବାକୁ କହିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ହେଉଥିବା ବାରମ୍ବାର ମାପ ସମୟରେ ବିଭାଗୀୟ ଅଧିକାରୀଙ୍କ ସହଯୋଗ ରହୁ ନ ଥିବାରୁ ଅଭିଯୋଗକୁ ନେଇ ଏମ୍ପି ଷଡ଼ଙ୍ଗୀ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ଫୋନ ଯୋଗେ ଉପସ୍ଥିତ ରହିବାକୁ କହିଥିଲେ। ଔପଦା ତହସିଲଦାର ସତ୍ୟବାନ ନାୟକ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପପୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦପୁର ସେବାସଂଘ ଗୃହ ଦେବୋତ୍ତର ବିଭାଗ ଅଧୀନକୁ ଗଲା

କୋଡ଼ପଡ଼ା,୧୦।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁରର ଆରାଧ୍ୟ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପାର୍ଶ୍ୱରେ ଥିବା ଆନନ୍ଦପୁର ସେବାସଂଘ ଗୃହକୁ ଦେବୋତ୍ତର ବିଭାଗ ନିଜ ଅଧୀନକୁ ନେଇଛି। ଦେବୋତ୍ତର ବିଭାଗ ଜାଗାରେ ଥିବା ସଂଘର ୫ ଦୋକାନ ଗୃହରୁ ଘରଭଡ଼ା ଆଦାୟ କରାଯାଉଥିବା ବେଳେ ତା'ର କୌଣସି ଆୟ/ବ୍ୟୟ ହିସାବ ନଦେବା, ମନମୁଖୀ ଘରଭଡ଼ା ଆଦାୟ କରିବା, ସେବାକାର୍ଯ୍ୟର ମୂଳଲକ୍ଷ୍ୟରୁ ଦୂରେଇ ରହିବା, କୌଣସି ବୈଠକ ନଡ଼ାକିବା, ବିଗତ ଦିନମାନଙ୍କରେ ବୈଠକ ଡକାଗଲେ ମଧ ଅନୁପସ୍ଥିତ ରହିବା ଭଳି ଘଟଣାକୁ ନେଇ ଆନନ୍ଦପୁର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଆନନ୍ଦପୁର ଉପ–ଜିଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ପରେ ଆନନ୍ଦପୁର ଉପ–ଜିଲାପାଳଙ୍କ ସଭାଗୃହରେ ଦେବୋତ୍ତର ବିଭାଗ ଓ ରଥ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ବୈଠକ ଗୃହକୁ ଦେବୋତ୍ତର ବିଭାଗ ଅଧୀନକୁ ନେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଆନନ୍ଦପୁର ଉପ–ଜିଲାପାଳ ଅନିଲ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସେବାସଂଘ ଗୃହ ଭଡ଼ା ନେଇଥିବା ବ୍ୟବସାୟୀଙ୍କ ଆଲୋଚନା ହୋଇଥିଲା। ଜୁଲାଇ ୭ ଠାରୁ ଦୋକାନୀମାନେ ଘରଭଡ଼ା ରାଶି ଦେବୋତ୍ତର ବିଭାଗର କ୍ୟୁ.ଆର. କୋର୍ଡ ମାଧ୍ୟମରେ ଦେବା ଓ ନୂତନ ଚୁକ୍ତିନାମା କରାଯିବାକୁ ଉପ–ଜିଲାପାଳ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି।

# ଯୋଗ୍ୟ କଳାକାର ଭତ୍ତାରୁ ବଞ୍ଚିତ

## ନୀତିନିୟମରେ ତାଳମେଳ ଅଭାବ

ଆନନ୍ଦପୁର,୧୦।୬(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିନିୟମରେ ତାଳମେଳ ଅଭାବରୁ ଅନେକ କଳାକାର ଭତ୍ତାରୁ ବଞ୍ଚିତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ନୂତନ କଳାକାର ଭତ୍ତା ଆବେଦନ ଫର୍ମରେ ପରିବର୍ତ୍ତନ ଯୋଗୁ କଳାକାର ଆବେଦନ କରିବାରେ ଅସୁବିଧା ଭୋଗୁଛନ୍ତି। ନୂତନ ଫର୍ମ ଅନୁଯାୟୀ ଆବେଦନକାରୀ ସଂଲଗ୍ନ ଫର୍ଦ୍ଦରେ ଡିଜିଟାଲ ଜୀବିତ ପ୍ରମାଣପତ୍ର ଦେବା ପାଇଁ ସୂଚନା ରହିଛି; ଯାହା କି ପିପିଓ(ପେନ୍ସନ ପେମେଣ୍ଟ ଅର୍ଡର ) ନମ୍ବର ନ ଥିଲେ ସମ୍ଭବ ନୁହେଁ ବୋଲି ଜନସେବା କେନ୍ଦ୍ରରୁ ସ୍ପଷ୍ଟ ସୂଚନା ମିଳିଛି। ମାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ପିପିଓ କିମ୍ବା କୋଡ୍ ନମ୍ବର ହିତାଧିକାରୀଙ୍କୁ ଦିଆଯାଇନାହିଁ।
ପ୍ରକାଶ ଯେ, ପୂର୍ବରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପାଉଥିବା କଳାକାରଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ କେନ୍ଦ୍ର ସରକାରଙ୍କ ନିକଟରୁ ଭତ୍ତା ଆବେଦନ ପାଇଁ ଫର୍ମରେ ଜୀବିତ ପ୍ରମାଣପତ୍ର ମାନୁଆଲ ଭାବେ ଦେଉଥିଲେ। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ନୂଆ ଫର୍ମରେ ଫାଇନାନ୍ସିଆଲ ଆସିଷ୍ଟାନ୍ସ ଫର ଭେଟେରାନ ଆର୍ଟିଷ୍ଟର ସଂଲଗ୍ନ ଫର୍ଦ୍ଦରେ ଡିଜିଟାଲ ଜୀବିତ ପ୍ରମାଣପତ୍ର ଦେବା ପାଇଁ ସୂଚନା ରହିଛି। ଯାହାକି ପିପିଓ(ପେନ୍ସନ ପେମେଣ୍ଟ ଅର୍ଡର ) ନମ୍ବର ନ ଥିଲେ ସମ୍ଭବ ନୁହେଁ। ଦୁଃଖ ତଥା ପରିତାପର ବିଷୟ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମିଳୁଥିବା ଭତ୍ତାରେ କୌଣସି ପିପିଓ କିମ୍ବା କୋଡ୍ ନମ୍ବର ହିତାଧିକାରୀଙ୍କୁ ଦିଆଯାଇନାହିଁ। କେନ୍ଦ୍ର ସରକାର ଭତ୍ତା ମଞ୍ଜୁର ନ କରିବା ପର୍ଯ୍ୟନ୍ତ ମଧ ପିପିଓ ନମ୍ବର ଦେଇପାରୁନାହାନ୍ତି। ଏପରି ସ୍ଥଳେ ଯୋଗ୍ୟ ହିତାଧିକାରୀ କେନ୍ଦ୍ର ସରକାରଙ୍କୁ ଆବେଦନ କରିବା ପାଇଁ ମରୀଚିକା ପଛରେ ଧାଇଁବା ପରିସ୍ଥିତି ସୃଷ୍ଟି ହେଉଛି। ଏ ନେଇ କଳାକାର ଭତ୍ତା ପାଉଥିବା ହିତାଧିକାରୀ ତଥା ମା' ତାରିଣୀ କଳାକାର ସଂଘର ମୁଖ୍ୟ ଉପଦେଷ୍ଟା ରତ୍ନାକର ଦାସ କହିଛନ୍ତି, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଯେଉଁ ଭତ୍ତା ମିଳୁଛି, ସେଥିରେ ପିପିଓ ନମ୍ବର ଆଲର୍ଟ କରାଯିବା ଉଚିତ କିମ୍ବା କେନ୍ଦ୍ର ସରକାରଙ୍କ ଫର୍ମରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ପରିବର୍ତ୍ତେ ମାନୁଆଲ ସାର୍ଟିଫିକେଟ୍ ନିଆଯିବା ଆବଶ୍ୟକ। କେନ୍ଦ୍ର ଓ ରାଜ୍ୟ ସରକାର ନୀତିନିୟମରେ ତାଳମେଳ ରହୁ ନ ଥିବାରୁ ଯୋଗ୍ୟ ହିତାଧିକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରି କି କେତେକେ କଳାକାରଭତ୍ତା ପାଇବାର ଯଥେଷ୍ଟ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଉଥିବାରୁ ସେମାନଙ୍କର ବାର୍ଦ୍ଧକ୍ୟ ଭତ୍ତାକୁ ବ୍ଲକସ୍ତରରେ ବନ୍ଦ କରି ଦିଆଯାଇଛି। ଏ କ୍ଷେତ୍ରରେ ସାମାନ୍ୟ ବ୍ୟବସ୍ଥା ଲାଗୁ କରାଗଲେ ସମସ୍ତ ହିତାଧିକାରୀ ଉପକୃତ ହୁଅନ୍ତେ ବୋଲି ଯୋଗ୍ୟ ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ସଞ୍ଜୀବ ବାରିକ କହିଛନ୍ତି, ଯେହେତୁ କଳାକାର ଭତ୍ତା ହିତାଧିକାରୀମାନେ ସରକାରୀ କର୍ମଚାରୀ ନୁହନ୍ତି ସେମାନଙ୍କର କୌଣସି ପିପିଓ ନଂ. କିମ୍ବା କୋଡ ନଂର ବ୍ୟବସ୍ଥା ନାହିଁ। ସମ୍ପୃକ୍ତ ଭତ୍ତା ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ କଳାକାର ଭତ୍ତା ସହାୟତା ଯୋଜନାର ୱେବସାଇଟ୍‌ରେ ରହିଥିବା ହିତାଧିକାରୀଙ୍କ ସିରିଏଲ୍ ନଂ.କୁ ବ୍ୟବହାର କରିପାରିବେ।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ


ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭଦ୍ରକ ଅଫିସ, ୧୦।୬

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ଶ୍ରମ ବିଭାଗ ସଂଯୋଜନାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁ ଶ୍ରମିକ ଉଚ୍ଛେଦ ନୀତିର ଉଲ୍ଲଂଘନ କଲେ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ଡାକବାଜି ଯନ୍ତ୍ରରେ ଅବଗତ କରାଯାଇଛି। ୧୪ ବର୍ଷରୁ କମ୍ ପିଲାଙ୍କୁ କାମରେ ଲଗାଇବା, ୧୫ରୁ ୧୮ ବର୍ଷ କିଶୋରମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ନିଯୁକ୍ତ କରିବା ଆଦି ଘଟଣା ଦୃଷ୍ଟିଗୋଚର ହେଲେ ତୁରନ୍ତ ଜିଲା ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲାପାଳଙ୍କୁ ଅବଗତ କରିପାରିବେ। ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ ସହ ଯୋଗାଯୋଗ କରିବା ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି।

ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ପ୍ରେମ ମଞ୍ଜରୀ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଚାଇଲ୍ଡ ଲାଇନ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, ବାଲ୍ୟ ବିବାହ ନିଷେଧ ଜିଲା ସଂଯୋଜକ ଅସିମ୍ ଅମିତାଭ ଦାସ, କର୍ମଚାରୀ ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ତିହିଡ଼ି ଡାକବଙ୍ଗଳା

## ମରାମତି ପାଇଁ ପ୍ରସ୍ତାବ ପରେ ବି ମିଳିଲାନି ଅନୁଦାନ

ତିହିଡ଼ି,୧୦।୬(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ିସ୍ଥିତ ଡାକବଙ୍ଗଳା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏକଦା ଚଳଚଞ୍ଚଳ ରହୁଥିବା ଡାକବଙ୍ଗଳାର ସବୁ କୋଠରୀରେ ଏବେ ତାଲା ଝୁଲୁଛି। ଉପର ଆଜବେଷ୍ଟସ ଭାଙ୍ଗିରୁଜି ଯାଇଥିବାରୁ ବର୍ଷା ପାଣି ଗଳି କୋଠରୀ ଭିତର ଅବସ୍ଥାକୁ ଶୋଚନୀୟ କରୁଛି। ଡାକବଙ୍ଗଳା ପରିସର ଏବେ ଆଖପାଖ ଦୋକାନୀମାନଙ୍କ ଡଷ୍ଟବିନ ପାଲଟିଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ଡାକବଙ୍ଗଳାର ମରାମତି କରି ବ୍ୟବହାର ଉପଯୋଗୀ ପାଇଁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପରମାନନ୍ଦ ବେହେରା ପ୍ରସ୍ତାବ ଦେଇଥିଲେ ମଧ୍ୟ ଅନୁଦାନ ମିଳିପାରିନାହିଁ।

ତିହିଡ଼ି ପୂର୍ତ୍ତ ବିଭାଗର ଏକ ଡିଭିଜନ ହୋଇଥିଲେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଆଦୌ ଆସୁନାହାନ୍ତି। ନାମକୁ ମାତ୍ର ଜଣେ ଚୌକିଦାର ଡାକବଙ୍ଗଳାରେ ରହୁଛନ୍ତି। ପୂର୍ବରୁ ୨ଟି କୋଠରୀ ଥିଲା। ଅଧିକ କୋଠରୀ ଆବଶ୍ୟକ ପଡ଼ିବାରୁ ନୂତନ ଗୃହ ନିର୍ମାଣ କରାଯାଇ ୨୦୦୪ ଫେବୃୟାରୀରେ ଉଦ୍‌ଘାଟନ କରାଯାଇଥିଲା। ଭିଆଇପି କୋଠରୀ ଭାବେ ପରିଗଣିତ ଏହି କୋଠରୀର ଅବସ୍ଥା ମଧ ଶୋଚନୀୟ ହେବାରୁ ୪ବର୍ଷ ପୂର୍ବେ ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ସିଂଙ୍କ ଉଦ୍ୟମକ୍ରମେ ୫୦ହଜାର ଟଙ୍କା ବ୍ୟୟରେ ଉକ୍ତ କୋଠରୀର ମରାମତି କରାଯାଇଥିଲା। ଏହାମଧ୍ୟରେ ଉକ୍ତ କୋଠରୀର ଅବସ୍ଥା ମଧ ଶୋଚନୀୟ ହୋଇପଡ଼ିଥିବାରୁ ଏହା ବ୍ୟବହାର ଅନୁପଯୋଗୀ ହୋଇଛି। ଡାକବଙ୍ଗଳାର ଏପରି ଦୁରବସ୍ଥା ଯୋଗୁ ସରକାରୀ ଉଚ୍ଚପଦସ୍ଥ ଅଧିକାରୀମାନେ ତିହିଡ଼ି ଗସ୍ତ କରିବା ସମୟରେ ଆଲୋଚନା ପାଇଁ ଉପଯୁକ୍ତ ସ୍ଥାନ ପାଉନାହାନ୍ତି। ତେବେ ଡାକବଙ୍ଗଳାର ମରାମତି ପାଇଁ ଅନୁଦାନ ଯୋଗାଇବାକୁ ପୁଣିଥରେ ପ୍ରସ୍ତାବ ଦିଆଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ବେହେରା କହିଛନ୍ତି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ ଏଥିପ୍ରତି ଦୃଷ୍ଟି ଦେଇ ଡାକବଙ୍ଗଳାକୁ ବ୍ୟବହାର ଉପଯୋଗୀ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।



